ଶକୁନିର ମନ୍ତ୍ରୀତ୍ୱ ଲାଭ
ଯେଥୁ ଅନନ୍ତରେ ବିଲଙ୍କ ଦେଶ ରାଜା
ଅଗସ୍ତି ଚରଣ ତଳେ କଲା ଦିବ୍ୟ ପୂଜା ।୧ ।
ଗାନ୍ଧାରସେନର ବଂଶ ପଥର ଘରେ ଭରି
ବିନା ଦୋଷେ ନାଶ କଲା କୁରୁ ଦଣ୍ଡଧାରୀ ।୨ ।
ଶୟେ ସତାଣୋଇ ଜଣ ସର୍ବେ ଗଲେ ନାଶ
ଶଙ୍କୁନି ମାତ୍ରକ ଯେ ରହିଲା ଅବଶେଷ ।୩ ।
ଯେଥୁ ଅନନ୍ତରେ ହେଲା ଯେ କେବଣ ଚରିତ
ବିଚାରି ଆଗ୍ୟାଂ ମୋତେ କହିବା କୁମ୍ଭସୁତ ।୪ ।
କହନ୍ତି କୁମ୍ଭସୁତ ଶୁଣିମା ବିଲଙ୍କାଧି
କେତେ ଦିନ ଅନ୍ତରେ ସେ କୁରୁକୁଳ ନିଧି ।୫ ।
ଦିନ ପ୍ରକୃତି ସଂସ୍କାର ନିମନ୍ତେ ରାଜନ
ରତ୍ନ କଠାଉ ଚଢି ବିଜେ ତୋଟା ଜଗତୀର ସ୍ଥାନ ।୬ ।
ସଙ୍ଗେ ରତ୍ନଝରୀରେ ନୀର ଧରୀ ତାର ଦାସୀ
ବଟ ମୂଳେ ରାଜନ ମିଳିଲାକ ଆସି ।୭ ।
ମୂତ୍ର କରନ୍ତେଣ ଧାର ଗଲା ବେଗେ ବହି
ବଟଫଳ ଭାସିଲା ଦେଖି ନରସାଇଂ ।୮ ।
ମନେ ବିଚାର କରଇ ରାଜା ଦ୍ରିଯୋଧନ
ଯେତେ ବୃକ୍ଷର ଫଳ ଯେ ଯେତେକ ସାମାନ୍ୟ ।୯ ।
ଯେବେ ଭାସି ଯାଉଅଛି କିଞ୍ଚିତ ମତ ହୋଇ
ଯେଥି ବୀଜ ଅଛି ପାଞ୍ଚ ସାତ ଶଥହିଂ ।୧୧୦ ।
ବିଧାତାର ବଶେ ଯେ ବୀଜମାନେ ବୃକ୍ଷ ହେବେ ଯେବେ
ସମୋଦ୍ର ପ୍ରାୟେ ଜଳ ବରଷିଲେ ଯେ ପୁଣ କିଛିହିଂ ନୋହିବେ ।୧୧ ।
ବୃକ୍ଷକୁ ଚାହିଂଲା ଅଟଇ କେତେ ଦାରୁ
ମନେ ମନେ ବିଚାରି ହସିଲା ରାଜା ଗୁରୁ ।୧୨ ।
ଧନ୍ୟ ଧନ୍ୟ ବିଧାତା ଅଟଇ ପ୍ରଭୁ ପଣ
କାହିଂକି କେତେ ରୂପେ କରିଛୁ ନିର୍ବାଣ ।୧୩ ।

ବୃକ୍ଷମାନଙ୍କର ରାଜା ଯେବଣ ସ୍ଥାବର
ତା ବୀଜ ଭାସିଲା ମୂତ୍ରରେ ମୋହୋର ।୧୪ ।
ତଳକୁ ଅନାଇଂ ରାଜା ବୃକ୍ଷକୁ ଅନାଇଂ
ମନେ ମନେ ବିଚାରିଣ ହସିଲା କୁରୁସାଇଂ ।୧୫ ।
ଯହୁଂ ସେ ହସିଲା ଗାନ୍ଧାରୀ ନନ୍ଦନ
ଦାସୀହିଂ ହସିଲା ହୋଇ ହୃଷ୍ଟ ମନ ।୧୬ ।
କୋପେ ଦ୍ରିଯୋଧନ ବୋଇଲା ମୁଦୁସୁଲୀକି ।
କିମର୍ଥେ ହସିଲୁ କେବଣ କଥା ଦେଖି ।୧୭ ।
ସରୂପ କରି କହ ଲୋ ଯେ ତୋର କେବଣ ପ୍ରକୃତି
ଉପହାସ କଲୁ କି ଅନମିତେ ହସିଲୁ ନିବୃତି ।୧୮ ।
ମୁ ଦୁସୁଲୀ ବୋଇଲା ଶୁଣିମା ଗୋସାଇଂ
ତୁମ୍ଭେ ଯହିଂକି ହସିଲା ମୁହିଂ ହସିଲି ତହିଂ ପାଇଂ ।୧୯ ।
ରାଜନ ବୋଇଲା ମୁଂ କି ନିମନ୍ତେ ହସିଲି କହ
ନ କହିଲେ ତୁ ଆଜ ନାଶ ଗଲୁ ତ ନିଷ୍ଚୟ ।୨୦ ।
ମୁଦୁସୁଲୀ ବୋଇଲା ଶୁଣିମା ଗୋସାଇଂ
କାଲି ପ୍ରଭାତେ ଦେବାର୍ଚ୍ଚନେ ଜଣାଇବି ମୁହିଂ ।୨୧ ।
ନୃପତି ବୋଇଲେ କାଲି ଯେବେ ମୋତେ ନ କହିବୁ ସତ

ନାସା ଶ୍ରବଣ ଦୁଇ କରିବି ତୋର ହତ ।୨୨ ।
ଆଗ୍ୟାଂ ଦେଇ ରାଜନ ଗଲା ନିଜ ପୁର
ୟେଥୁ ଅନନ୍ତରେ ଶୁଣ ବିଲଙ୍କ ନୃପବର ।୨୩ ।
କଣ୍ଡ କରି ମୁଦୁସୁଲୀ ଗଲାକ ଭିତର
ମନେ ବିଚାରଇ ମରଣ ହୋଇଲା ମୋହୋର ।୨୪ ।
ନ ଜାଣି ହସିଲି ମୁଂ କି କହିବି କାଲି ପ୍ରଭାତେ
ଭୋ ଧର୍ମ ଦେବତା ପ୍ରତିକାର କର ମୋତେ ।୨୫ ।
ଆଜ ଦିନ ବଞ୍ଚାଇଲି ବଳ ବୁଦ୍ଧି କରି
କାଲି ନୃପତି ଦଣ୍ଡିବ ମୁଂ କି ରୂପେ ହୋଇବି ପାରି ।୨୬ ।
ଯେଉଂ ଦିନୁଂ ଗାନ୍ଧାର ବଂଶ ବନ୍ଦୀ କରି
ପଥର ଘର ଭିତରେ ଭରିଲା ଦଣ୍ଡଧାରୀ ।୨୭ ।

ଅନ୍ନ ଜଳ ଯାହା ଦିଅଇ ମାନ ଚକ୍ରବ୍ରତୀ
ବନ୍ଦୀ ଘର ଭିତରେ ଦାସୀ ପ୍ରବେଶ କରାୟେ ନିତି ।୨୮ ।
ସେ ଦିନ ଅନ୍ନ ଘେନି ମନର ବିରସେ
ପ୍ରବେଶ ହେଲା ଯାଇଂ ବନ୍ଦୀ ମନ୍ଦିର ପାଶେ ।୨୯ ।
ଗୁଣ୍ଡୁରି ଜଳା ବାଟେ ଡାକିଲା ଥିର କରି
କେ ଅଛ ଅନ୍ନ ବାବୁ ନିଅ ବେଗ କରି ।୩୦ ।
ବିହି ତୁମ୍ଭଙ୍କୁ ମୋତେ କଲାକ ଅନ୍ତର
କାଲି ନାସା ଶ୍ରବଣ ମୋ ଛେଦିବ ନୃପବର ।୩୧ ।
ଭିତରେ ଥାଇଣ ଶଙ୍କୁନି କହଇ ବଚନ
କି ଦୋଷେ ନାଶ ତୋତେ କରିବ ରାଜନ ।୩୨ ।
ଦାସୀ ବୋଇଲା ଦେବ ନ ଜାଣଇ କିଛି
ପ୍ରକୃତି ସଂସ୍କାରେ କାଲି ଗାନ୍ଧାରୀର ବସ୍ି ।୩୩ ।
ବଟ ବୃକ୍ଷ ମୂଳେ ବିଜୟ କଲା ଆସି
ମୂତ୍ର ନୀର ବହନ୍ତେ ମନ୍ଦ ମନ୍ଦ ହସି ।୩୪ ।
ତଳକୁ ଚାହିଂଣ ସେ ନେତ୍ରକୁ ବୁଜିଲା
ବୃକ୍ଷକୁ ନିରେଖି ସେ ପୁଣି ହିଂ ହସିଲା ।୩୫ ।
ରାଜା ହସି ଉଠନ୍ତେ ହସିଲଇଂ ମୁହିଂ
ଶୁଣି ରାଜନ ବୋଇଲା ଲୋ ହସିଲୁ କାହିଂ ପାଇଂ ।୩୬ ।
କରଯୋଡି ବୋଇଲି ମୁଂ ନ ଜାଣଇ କିଛି
ତୁମ୍ଭେ ଯହିଂକି ହସିଲ ମୁଂ ତହିଂକି ହସିଲି କୁରୁବସ୍ି ।୩୭ ।
ରାଜା କହିଲା ତୁ କହ ମୋର ମନର ବାରତା
ନୋହିଲେ ପ୍ରାଣେ ତୋତେ ମାରିବି ସର୍ବଥା ।୩୮ ।
ୟେମନ୍ତେ ବୋଲି ଆଗ୍ୟାଂ ଦେଇଛନ୍ତି ଦଣ୍ଡଧାରୀ
କାଲି ପ୍ରଭାତରେ ଯେ ପକାଇବ ମାରି ।୩୯ ।
ଶଙ୍କୁନି ବୋଇଲା ମା ଗୋ ନ କର ମନେ ଚିନ୍ତା
ଆମ୍ଭେ କହିବା ରାଜାର ଅନ୍ତର୍ଗତ ବାରତା ।୪୦ ।
ଯେମନ୍ତେ ରାଜନ ତୋତେ ନ ବୋଲିଛ କିଛି
ୟେମନ୍ତେ ଆଶ୍ରିଜ ଉପାୟ ଆମ୍ଭ ତହିଂ ଅଛି ।୪୧ ।

ଯେତେବେଳେ ରାଜନ ତୋତେ ପୁଚ୍ଛିବ ବାରତା
ବୋଲିବୁ ଶୁଣ ପ୍ରଭୁ କୁରୁକୁଳନାଥ ।୪୨ ।
ବଟ ମୂଳେ ଯେତେବେଳେ କଲୁ ଯେ ପ୍ରକୃତି
ବଟ ବୀଜ ଉପୁଚିଆଇ ମୂତ୍ରର ସୋହତି ।୪୩ ।

ବୀଜକୁ ଅନାଇ ବୃକ୍ଷକୁ ଅନାଇ
ବିଧାତା ସୁମରି ହସିଲୁ କୁରୁସାଇଂ ।୪୪ ।
ଶଙ୍କୁନି ତହୁଂ ତଥ୍ୟ ବିଚାର ପାଇ ଦାସୀ
ରାଜାର ଛାମୁରେ ମିଳିଲା ପସନ୍ନ ହୋଇ ଆସି ।୪୫ ।
ପ୍ରଭାତୁଂ ଉଠି ଦାସୀକି ପୁଛିଲା ଦଣ୍ଡଧାରୀ
ସୁନ୍ଦରୀ କହଇ ଭୟକୁ ଦୂର କରି ।୪୬ ।
ବଟମୂଳେ ବିଜୟେ ଯେ କଲୁ ଦଣ୍ଡଧର
ରତ୍ନଝରୀରେ ମୁଂ ଯେ ଧରିଥିଲି ନୀର ।୪୭ ।
ମୂତ୍ରରେ ତୁମ୍ଭର ବଟ ମଞ୍ଜି ଯେ ଭାସନ୍ତେ
ବୃକ୍ଷକୁ ଚାହିଂ ତଳକୁ ଚାହିଂ ହସିଲୁ କୁରୁନାଥେ ।୪୮ ।
ଅନ୍ତର୍ଗତ ବାରତା କହିଲୀ ଦାସୀ ଯହୁଂ
ଶୁଣିଣ ଆଶ୍ଚିଜ ହେଲା କୁରୁକୁଳପ୍ରହୁ ।୪୯ ।
ଦାସୀକି ଅନାଇ ଦଣ୍ଡେ ମଉନ ହୋଇ ରହି
ମନେ ମନେ ଅନ୍ତର୍ଗତେ ଭାଳିଲା କୁରୁସାଇଂ ।୫୦ ।
ଦାସୀ ଛାରକ ନୁହେଂ ୟେହାର ୟେ ବୁଦ୍ଧି
ଭୂତ ଭବିଷ୍ୟ ବର୍ତ୍ତମାନ ତିନି କାଳେ ସିଦ୍ଧି ।୫୧ ।
ୟେମନ୍ତ ଜନ ନିଶ୍ଚେଂ କହିଲା ୟେହାରେ
ଦାସୀକି ଚାହିଂଣ କହିଲା କୁରୁବୀରେ ।୫୨ ।
ତୋହୋର ଚରିତ ୟେ ନୋହଇ କଦାଚିତ
କହ ତୋତେ କହିଲା କେବଣ ପଣ୍ଡିତ ।୫୩ ।
ଧନରତ୍ନ ବହୁତ ଅଳଙ୍କାର ଦେବି
ଯାବତ ଦୋଷ ତୋହୋର କ୍ଷମା ମୁଂ କରିବି ।୫୪ ।
------------------------
୪୩ ।୨ ସୋହିତ-ସ୍ରୋତ

ଦାସୀ ବୋଇଲା ଆହୋ ଶୁଣିମା କୁରୁନାଥ
ପ୍ରତିଦିନ ଯାହାକୁ ମୁଂ ଦିଅଇ ନୀର ଭାତ ।୫୫ ।
ପଥର ଘେ ଯାହାକୁ ରଖିଛୁ ନୃପବର
ସେ କହିଲା ତୋର ୟେ ହୃଦୟ ବିଚାର ।୫୬ ।
ଶୁଣିଣ ରାଜନ ବହୁତ ହରଷ ହୋଇଲା
ବହୁତ ଧନରତ୍ନେ ତହୁଂ ଦାସୀକି ମଣ୍ଡିଲା ।୫୭ ।
ଆସ୍ଥାନ ଜଗତୀରେ ୟେକାନ୍ତେ ବିଚାରିଲେ ବସି
ୟେହି ସେ ଉପାୟେ ଶତ୍ରୁକୁ ପାରିବଇଂ ନାଶି ।୫୮ ।
ଭୂତ ଭବିଷ୍ୟ ବର୍ତ୍ତମାନ ଜାଣଇ ତିନି କଥା
ୟେହି ସେ ମନ୍ତ୍ରୀ ପଣକୁ ସଭାରେ ଯୋଗ୍ୟତା ।୫୯ ।
ସକଳ ସଭାଜନ ଘେନିଣ ନରପତି
ତେର ମାସେ ବିଜେ କଲାକ କୁରୁପତି ।୬୦ ।
କବାଟ ଫେଡାଇଲା ଯାଇଂ ମାନ ଚକ୍ରବ୍ରତୀ ।୬୧ ।
ହାକଇ ଦ୍ରିଯୋଧନ ଦ୍ୱାରେ ଉଭା ହୋଇ
ଜୀବନ୍ତା କେ ଅଛି ବୋଲି ଡାକଇ କୁରୁସାଇଂ ।୬୩ ।
ଅନ୍ନ ଖିନ୍ନେ ଶଙ୍କୁନି କହଇ କ୍ରୋଧ ବାଣୀ
ଅନମିତେ ମୋର ବଂଶ ତୁ ନାଶିଲୁ ନୃପମଣି ।୬୪ ।
ଶୟେ ଛୟାଣୋଇ ଜଣ ମାଇଲୁ ମୋହୋର ହୋ  ରାୟେ
ନିଲ୍ଲଜ ଆତ୍ମା ମୋର ବ୍ରତିଛି ୟେକାୟେ ।୬୫ ।
ୟେହାଙ୍କର ଅବସ୍ଥା ଦେଖି ଶରୀର କି- । ନ ଯାଉ

ଧିକ ମୋହୋର ଜୀବନ ଗ୍ରିଧିନୀ ମାଂସ ଖାଉ ।୬୬ ।
କର୍ମକୁ ନିନ୍ଦି କ୍ରୋଧ କରଇ ଶଙ୍କୁନି
ହୃଦୟେ ବୈକୁଲ୍ୟ ରାଜାର କ୍ରୋଧ ମାନି ।୬୭ ।
ଆଗ୍ୟାଂ ଦିଲା ସେ ଧୁଶାସନ ଦୁର୍ଜୟକୁ
ଭିତରେ ପଶି ଆଣ ରେ ମୋହୋର ଛାମୁକୁ ।୬୮ ।
ଆଗ୍ୟା ପ୍ରମାଣେ ସେ ପଶିଲେ ଭିତରେ
ଶଙ୍କୁନି କି କୋଳ କରି ଆଣନ୍ତି ବେନି ବୀରେ ।୬୯ ।
----------------------------
୬୪ ।୧ ତ୍ରୋଧ ବାଣୀ- ଶୋକ କଥ ।

ଭିତରୁ ବାହାର ସେ ହୋଇଲା ଶଙ୍କୁନି
ଦ୍ରିଯୋଧନ ବୋଇଲା ମାମୁ ଜୀବନ ତୋହୋର ଧନି ।୭୦ ।
କନେକ ରତ୍ନ ଘଟେ ପାଣି ଯେ ପୁରୋଇ
ସ୍ନାହାନ କରାଇଲା ଆପଣେ ସନ୍ନିଧ୍ୟେ ଉଭା ହୋଇ ।୭୧ ।
ଅନେକ ସୁଗନ୍ଧ ଯେ ଲଗାଇ ତାହାର କେଶେ
ସ୍ରାହାନ କରାଇ ପିନ୍ଧାଇଲେ ଝୀନ ବାସେ ।୭୨ ।
ଅନେକ କୁସୁମେଣ କେଶ ସାଞ୍ଜୋଇ
ଅଷ୍ଟ ରତ୍ନ ଅଳଙ୍କାର ଶରୀରେ ଆଭରଣ କରାଇ ।୭୩ ।
ଚନ୍ଦନ ଚତୁସମ ମୃଗଲାଭ କସ୍ତୁରୀ
ଆପଣେ ଦ୍ରିଯୋଧନ ଶଙ୍କୁନି ଶରୀରେ ଲେପନ କରି ।୭୪ ।
ଶ୍ରୀହସ୍ତେ ପାଟ ଶାଢୀ ଦିଲାକ କୁରୁପତି
ଯେ ପଞ୍ଚୁ କଟକେ ମାତୁଳ ତୁମ୍ଭେ ଯେକାଙ୍ଗ ମହାମନ୍ତ୍ରୀ ।୭୫ ।
ଯେ ସେ ନାଶ ଗଲେ ତୋର ପିତା ବାନ୍ଧେବ ସୋହୋଦରେ
ତାହା ମାତ୍ର ତୋତେ ଦେଇ ନ ପାରିବି ମନ୍ତ୍ରୀବରେ ।୭୬ ।
ଇନ୍ଦ୍ର ପ୍ରଶସ୍ତ ଯମ ପ୍ରଶସ୍ତ ହସ୍ତିନା ଜୟନ୍ତା ବାରୁଣା
ଯେ ପଞ୍ଚୁ ରାଜ୍ୟକୁ ମାମୁ ତୁହି ସେ ଧାରଣା ।୭୭ ।
ବଇଠା ରାଜା ସେ ଆଜହୁଂ ମୋହୋର
ତୋହୋର ଆଗ୍ୟାଂହି ସେ ପଞ୍ଚୁ ରାଜ୍ୟକୁ ନିରାଧାର ।୭୮ ।
ଆଲମ୍ବ ପାଟଛତ୍ର ଉଭାରନ୍ତି ବେନିପାଖେ
ଛାମୁରେ ଫୁରଇ ସୁବର୍ଣ୍ଣ ବନ୍ଧା ଶଙ୍ଖ ଲକ୍ଷେ ।୭୯ ।
ଲକ୍ଷେକ ଆଲଟ ଯେ ଢାଳନ୍ତି ବେନି କତି ।୮୦ ।
ଆଗେଣ ମହାମତ୍ତ ଯେ ପାଞ୍ଚ ଲକ୍ଷ ଗଜ
ପଛରେଣ ପାଞ୍ଚ ମର୍ଭୁତ ଅଶ୍ୱ ଚୋଖାର କଲେ ସଜ ।୮୧ ।
ଯେସନେକ ସ- ଦ କରାଇଣ ଶଙ୍କୁନି
ଗାନ୍ଧାରୀଙ୍କ ଛାମୁକୁ ଦ୍ରିଯୋଧନ ଗଲା ଘେନି ।୮୨ ।
-------------------------
୮୦ ।୧ { ଲକ୍ଷେକ ଚାମର ଯେ ପଡଇ ବେନି କତି
{ ଲକ୍ଷେକ ଚାମର ଢାଳନ୍ତି ବେନି କତି ।

ସଂଜୟେ କହିଲେ ଶୁଣ ହୋ ଗାନ୍ଧାରସେନର ଦୋହିତ
ଶଙ୍କୁନି ନାମେଣ ଯେ ବ୍ରତିଲା ତୋହୋର ଯେକ ଭ୍ରାଥ ।୮୩ ।
ଅନେକ ପୁରୁଷାର୍ଥ ଯେ କରାଇଲା ଦ୍ରିଯୋଧନ
ଦୁତୀ ଇନ୍ଦ୍ର ପ୍ରାୟେ ଦିଶଇ ଗାନ୍ଧାରସେନ ନାନ ।୮୪ ।
ଗାନ୍ଧାରୀ ବୋଇଲେ ଯେ ସଭିଏଂ ଗଲେ ନାଶ

ୟେକା ପାମର ତୁ ଜୀବନେ କଲୁ ଆଶ ।୮୫ ।
ମୁହିଂ ୟେବେ ତୋହୋର ରେ ପ୍ରକୃତି ଜାଣିଲି
ତୁ ୟେକା ବ୍ରତିଲୁ ଦ୍ରିଯୋଧନର ବଂଶ ନାଶ କରିବୁ ବୋଲି ।୮୬ ।
ମୋହୋର ବଚନ ଶୁଣ ରେ  କୁରୁ-ରାଜ-ଦେବ
ଶଙ୍କୁନି ବଚନକୁ ବାବୁ ରେ ନ ଯିବୁ ସଦଭାବ ।୮୭ ।
ଯାହାର ବଂଶ ନାଶ କଲୁ ତାହାକୁ କଲୁ ମନ୍ତ୍ରୀ
ଉଭୟେ କୁଳ ନ ପାରିବି ବୋଲି ବୋଇଲେ ମହାସତୀ ।୮୮ ।
ପିତା କୁଳ, ସ୍ୱାମୀ କୁଳ ଅବଶ୍ୟ ଯିବ ନାଶ
ଯହିଂ ପାପ ତହିଂ ନାଶ ହୋଅନ୍ତି ଅବଶ୍ୟ ।୮୯ ।
ଗାନ୍ଧାରୀ କହିଲେ ସିଦ୍ଧ ଅର୍ଥ ବାଣୀ
ମୂର୍ଖ ଦ୍ରିଯୋଧନ ତାହା ଶ୍ରବଣେ ନ ଶୁଣି ।୯୦ ।
ରାଗେଣ ଗାନ୍ଧାରସେନକୁ ତାୟେ ମାରି
ପାଣ୍ଡବଙ୍କ ରାଗେ ହୋ ଅପାର ବିସରି ।୯୧ ।
କର୍ଣ୍ଣ ଶଙ୍କୁନି ଯେ ଅଶସ୍ତମାକୃପ
ୟେହାନ୍ତ ଘେନି ୟେକାନ୍ତେ ଭାଳୁଥାଇ ନୃପ ।୯୨ ।
ବିଦୁରେ କହିଲେ ଯେ ଯୁଝେଷ୍ଟିଙ୍କ ଅଗ୍ରତେ
ଧୃତରାଷ୍ଟି ବାବୁ ରେ ଅନେକ କୋପ କଲା ତୋତେ ।୯୩ ।
ତୁ ବାବୁ ୟେ କଥାନ୍ତ ବୁଝିଥାଅ ପରିମାଣି
ଅନେକ ପ୍ରମାଦେ ତୋତେ ଚିନ୍ତିବ କୁରୁମଣି ।୯୪ ।
-------------------------------

୮୮ { ମାତୃ ପିତୃ କୁଳ ହୋଇବ ବିନଶ୍ୟତି
{ ୟେସନେକ ବୋଲି ଭାଳନ୍ତି ମନ ମତି ।

୮୮ { ନିଷ୍ଟୟେ ଛାଡିଲି ମୁହିଂ ଦୁଇ କୁଳର ଆଶା
{ ମାତୃ ପିତୃ କୁଳ ନାଶ ଯିବ ଯେ ଅବଶ୍ୟ

ରାଜା ଗାନ୍ଧାରସେନ ବଂଶ ନାଶ କଲା ତୁମ୍ଭ ରାଗେ
ଶଙ୍କୁନି ମହାମନ୍ତ୍ରୀ ହୋଇଲା ଶୁଭ ଯୋଗେ ।୯୫ ।
ଅବଶ୍ୟ ପ୍ରମାଦ ସେ ଚିନ୍ତିବଟି ତୁମ୍ଭଙ୍କୁ
ବହୁତ ବାଗେ ସମ୍ଭାଳି ଥିବଟି ଭୀମସେନକୁ ।୯୬ ।
ଯୁଝେଷ୍ଟି ପଚାରନ୍ତି ବିଦୁର ଅଗ୍ରତେ
ଧୃତରାଷ୍ଟି ୟେତେ ରାଗ କରିଛି କିନା ମୋତେ ।୯୭ ।
ଯଦ୍ୟପି ଅଦୟା ମୋତେ କରିବେ କୁରୁରାୟେ
ତୁହି ମାତ୍ର ତାତ ମୋତେ କରିଥାଅ ସଦୟେ ।୯୮ ।
ବିଦୁର ବାସୁଦେବ ଯେବେ ହୋଇବେ ସପକ୍ଷ
ତ୍ରୈଲୋକ୍ୟ ବ୍ରହ୍ମାଣ୍ଡେ ମୋତେ କେ ଅଛି ସମକକ୍ଷ ।୯୯-୫୮୩୦ ।

*